# ତହସିଲଦାରଙ୍କ କାର୍ଯ୍ୟାଳୟ, ଜଳେଶ୍ୱର

ସଂଖ୍ୟା ୪୪୦୪ ତାରିଖ ୧୭.୧୧.୨୧

## ଦୀର୍ଘ ମିଆଦି ଲଘୁ ଖଣିଜ ଦ୍ରବ୍ୟ (ବାଲି) ଲିଜ ନିମନ୍ତେ ବିଜ୍ଞାପନ

**ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ତତ ସମ୍ପୃକ୍ତ ପରବର୍ତୀ ସଂଶାଧନ ଆଇନ ର ପରିସର ଭୁକ୍ତ ଅଟେ ।**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଜଳେଶ୍ୱର ତହସିଲ ଅନ୍ତର୍ଗତ ନିମ୍ନ ବର୍ଣିତ ତାଲିକା ଅନୁଯାୟୀ ଲଘୁ ଖଣିଜ ଦ୍ରବ୍ୟ (ବାଲି ଉତ୍ସ) ଗୁଡିକୁ ୫ (ପାଞ୍ଚ) ବର୍ଷ (୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ୨୦୨୫-୨୬ ପର୍ଯ୍ୟନ୍ତ) ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ର Form–M (୩ ସେଟ ) ପୂରଣ କରି ତତସହିତ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଙ୍ଗଲଗ୍ନ କରି ଦରଖାସ୍ତଟିକୁ ଦାଖଲ କରିପାରିବେ । ଆବେଦନ କାରୀ ଦରଖାସ୍ତଟିକୁ ଜଉମୁଦ ଦିଆ ଲଫାରେ ରେଜିଷ୍ଟ୍ରି ଡାକ / କ୍ଷିପ୍ର ଡାକ (Registered/Speed Post) ଯୋଗେ ତହସିଲଦାର ଜଳେଶ୍ୱରଙ୍କ ଠିକଣାରେ ପଠାଇବାକୁ ହେବ କିମ୍ବା ଜଳେଶ୍ୱର ତହସିଲଦାରଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ତା ୦୬.୧୨.୨୦୨୧ ରିଖ ଦିବା ୨ ଘଟିକା ମଧ୍ୟରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସ ଓ ସମୟରେ ପକାଇପାରିବେ । ଆବେଦନକାରୀ ଲଫାଫା ଉପରେ ଆବେଦନ କରୁଥିବା ଉତ୍ସର ନାମ ପରିଷ୍କାର ଭାବେ ଲେଖିବା ଅନିବାର୍ଯ୍ୟ ଅଟେ । ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ପ୍ରାପ୍ତ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

### ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ (ବାଲି) ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ସୈରାତ ଉତ୍ସର ନାମ | ତଫସିଲ ବୃତି | ସରକାରୀ ଧାର୍ଯ୍ୟ ରୟାଲଟି ମୂଲ୍ୟ ଓ ସର୍ବ ନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ବାଲି ଉଠାଇବାର ପରିମାଣ C.M. | ମନ୍ତବ୍ୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧. | ଚୋରମାରା (ଚଣ୍ଡୀ ବସ୍ତି) ବାଲି ଉତ୍ସ | ମୌଜା- ଚୋରମାରା<br>ଖାତା -୬୯୨<br>ପ୍ଲଟ -୧୮୨<br>କିସମ-ନଦୀ<br>ରକବା-ଏ-୪୭.୫୦ ସ୍ଥ<br>ଏ.୧୦.୦୦ | ଟ.୩୫ + ଟ.୩୦ = ୬୫/- | Mining plan ଅନୁଯାୟୀ ୬୬୦୦୦ C.M. ଓ ପ୍ରଥମ ବର୍ଷର ପରିବେଶ ମଞ୍ଜୁରୀ ୮୦୦୦ C.M. | E.M.D ଅର୍ଥ ଏବଂ ଶୋଧକ୍ଷମ ପ୍ରମାଣପତ୍ର କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି ଅର୍ଥ (Solvency Certificate or Bank Guarantee amount) ସମ୍ପୃକ୍ତ ଉତ୍ସର Mining Plan MGQ ପରିମାଣ ଉପରେ ସ୍ଥିରିକୃତ ହେବ । |
| ୨. | ଗୋବର୍ଦ୍ଧନପୁର ବାଲି ଉତ୍ସ | ମୌଜା- ଗୋବର୍ଦ୍ଧନପୁର<br>ଖାତା -୩୫୮<br>ପ୍ଲଟ -୧୦୯୪<br>କିସମ-ନଦୀ<br>ରକବା-ଏ-୮୮.୨୫ ସ୍ଥ<br>ଏ.୧୨.୦୦ | ଟ.୩୫ + ଟ.୩୦ = ୬୫/- | Mining plan ଅନୁଯାୟୀ ୮୧୫୦୦ C.M. ଓ ପ୍ରଥମ ବର୍ଷର ପରିବେଶ ମଞ୍ଜୁରୀ ୯୫୦୦ C.M. | |

**ଆବଶ୍ୟକୀୟ ଦସ୍ତାବିଜ**

୧. ଦରଖାସ୍ତ ଫି ବାବଦ କୁ ଟ. ୧୦୦୦ /- (ଏକ ହଜାର ) ର ଟ୍ରେଜରି ଚାଲାଣ (Head of Account -0853-Non Ferrous Mining and Metallurgical Industries-102 Mineral Concession Fees, Rent and Royalties) । ଏହି ଦରଖାସ୍ତ ଫି ଫେରସ୍ତ ଦିଆଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ ।

୩. ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନୋଟିସ ଉଲ୍ଲେଖ ମୁତାବକ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା 5 ଭାଗ ରାଶି E.M.D. (Earnest Money Deposit ) ନିମନ୍ତେ ତହସିଲଦାର ଜଳେଶ୍ୱରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦରଖାସ୍ତ Form–M ସହିତ ଦାଖଲ ଦେବେ ।

୪. ସମ୍ପୃକ୍ତ ଉତ୍ସର ମାଏନିଙ୍ଗ ପ୍ଲାନ ଅନୁଯାଇ ବାର୍ଷିକ ନ୍ୟୁନ୍ୟତମ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity as per Mining Plan) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୋୟାଲଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣ ପତ୍ର (Solvency Certificate)କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି(Bank Guarantee, valid for 18 months)= Minimum Guaranteed Quantity multiplied by (Offered additional charge in application + Royalty) ଏବଂ ରାଜସ୍ୱ ଅଧିକାରୀଙ୍କ ଠାରୁ ଦରଖାସ୍ତକାରୀଙ୍କ ନାମରେ ଥିବା ସ୍ଥାବର ସମ୍ପତିର ତାଲିକା ଦରଖାସ୍ତ ସହିତ ଦାଖଲ କରିବେ ଯାହାକି ଶୋଧକ୍ଷମ ପ୍ରମାଣ ପତ୍ର କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Solvency Certificate or Bank guarantee ) ଉଭୟ କ୍ଷେତ୍ରରେ ପ୍ରଯୁଜ୍ୟ ।

(ବି.ଦ୍ର.-ଉପରୋକ୍ତ ଦସ୍ତାବୀଜ ନ ଥିଲେ କିମ୍ବା କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆବେଦନ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । )

**ସର୍ତ୍ତାବଳୀ**

୧. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ତତ ସମ୍ପୃକ୍ତ ପରବର୍ତୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ) ଆଇନର ପରିସର ଭୁକ୍ତ ରହିବେ ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

୨. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଇଛୁକ ବ୍ୟକ୍ତି ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ, ସୁବିଧା, ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗ ନେବେ । ଲିଜ ନେବାପରେ ସୈରାତ ଚଳାଇବା କିମ୍ବା ତତ ସମ୍ପର୍କୀୟ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରକୃତିକ ବିପର୍ଯୟ ନିମନ୍ତେ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଦରଖାସ୍ତକାରି ଆବେଦନ ଦରଖାସ୍ତରେ କେବଳ ଅତିରିକ୍ତ ଦେୟ (Additional Charge) ବାବଦକୁ ମୂଲ୍ୟ ଦରଜ କରିବେ । ଯଦି କେହୀ ଦରଖାସ୍ତରେ ଅନ୍ୟ ପ୍ରକାରେ ମୂଲ୍ୟ ଦରଜ କାରୀ ଥାନ୍ତି ତେବେ ଦରଜ ହୋଇଥିବା ମୋଟ ମୂଲ୍ୟକୁ ଅତିରିକ୍ତ ଦେୟ ରୂପେ ବିଚାରକୁ ନିଆଯିବ ।

୪. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଦରଖାସ୍ତରେ ଅତିରିକ୍ତ ଦେୟ (Additional Charge ) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମ ଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ପ୍ରାରମ୍ଭିକ ଚୟନ କରାଯିବ । ଯଦି ୧ ରୁ ଅଧିକ ନୀଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରଖାସ୍ତରେ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରିଯିବ ।

୫. ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀ Mining Plan ରେ ସ୍ଥିରୀକୃତ ହୋଇଥିବା ପ୍ରଥମ ବର୍ଷ ଲଘୁ ଖଣିଜ ଦ୍ରବ୍ୟର (MGQ) ସହିତ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ସହିତ ବାଲି ରୟାଲଟି ଏବଂ ବାର୍ଷିକ MGQ ଉପରେ ଧାର୍ଯ୍ୟ DMF (Contribution payable to DMF) ର ସମଷ୍ଟି ରାଶିର 25% ରାଶିରୁ, ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଏକତ୍ରିତ ରାଶିକୁ ଅମାନତ ରାଶି (Security Deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ନିମନ୍ତେ କୌଣସି ସୁଧ ପ୍ରଦାନ କରା ଯିବ ନାହିଁ । ଯଦି ମନୋନୀତ ଆବେଦନକାରୀ ସୂଚନା ପତ୍ର ନିର୍ଗମଣର (Form-F) ୧୫ ଦିନ ମଧ୍ୟରେ ସମ୍ମତି ପତ୍ର ସହିତ ଉପରୋକ୍ତ ଦାବୀ ରାଶି ଜମା ନକରନ୍ତି, ତେବେ ତାଙ୍କର EMD ବାବଦକୁ ଜମାଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ତହବିଲରେ ଜମା କରାଯିବ ଓ ସମ୍ପୃକ୍ତ ନିୟମାବଳୀ ଅନୁଯାୟୀ ପରବର୍ତୀ ନିଷ୍ପତି ନିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲାପରେ ଅକୃତ୍ୟ କାର୍ଯ୍ୟ ଆବେଦନକାରୀ ମାନଙ୍କୁ କେବଳ ଦରଖାସ୍ତରେ ଜମା ଦେଇଥିବା E.M.D. ଫେରସ୍ତ ଦିଆଯିବ।

୬. ଲିଜଧାରୀଙ୍କ ପ୍ରତ୍ୟେକ ବର୍ଷ ବାଲି ଉତ୍ତୋଳନ ନିମନ୍ତେ ଧାର୍ଯ୍ୟ ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ Dead Rent ଏବଂ Surface Rent ଦାଖଲ କରିବାକୁ ପଡିବ । SEIAA ଦ୍ୱାରା ପ୍ରଥମ ବର୍ଷ ନିମନ୍ତେ ଧାର୍ଯ୍ୟ ପରିମାଣ ଯାହାକି ବିଜ୍ଞାପନରେ ଦର୍ଶାଯାଇଅଛି ସେହି ପରିମାଣ replenishment study ଦ୍ୱାରା ପରବର୍ତ୍ତୀ ବର୍ଷରେ ସମାନ, ଅଧିକ କିମ୍ବା କମ ହୋଇପାରେ। ତେଣୁ replenishment study ଅନୁସାରେ ପ୍ରତି ବର୍ଷ ଧାର୍ଯ୍ୟ ବାଲି ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ଯାହାକି ରୟାଲଟି, DMF ଏବଂ ଅନ୍ୟାନ୍ୟ ଦେୟ ଲିଜଧାରୀଙ୍କୁ ଦାଖଲ କରିବାକୁ ହେବ । ଉତ୍ସରୁ ବାଲି ଉତ୍ତୋଳନ ପ୍ରକ୍ରିୟା ସମ୍ପୃକ୍ତ Mining Plan ଓ Environment Clearance ର ନିୟମାବଳୀ ଅନୁସାରେ କାର୍ଯ୍ୟକାରୀ ହେବ ।

୭. ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟର ୨% (ଶତକଡା ଦୁଇ) ଆୟକର ଓ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେକ ବର୍ଷ ଜମା କରିବା ପାଇଁ ବାଧ୍ୟ ରହିବେ ।

୮. ମନୋନୀତ ଆବେଦନକାରୀ Mining Pan ତଥା Environmental Clearance ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା Lease Agreement ପୂର୍ବରୁ ଦେବାକୁ ପଡିବ ।

୯. ନିଲାମଧାରୀ ବାଲୁକା ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (consent to operate) ଓଡିଶା ପ୍ରଦୂଷଣ ବୋର୍ଡ (Odisha Pollution Control Board ) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୧୦. ଟେଣ୍ଡର ଖୋଲିବା ଦିନ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ଅନୁପସ୍ଥିତ ରହିଲେ ଟେଣ୍ଡର କାର୍ଯ୍ୟ ପରିଚାଳିତ ହେବ ଏବଂ ତାଙ୍କର କୌଣସି ଅଭିଯୋଗ ଶୁଣାଯିବା ନାହିଁ ।

୧୧. ଯଦି ଦରଖାସ୍ତକାରୀ ବିଜ୍ଞାପନ ଲିଖିତ ଅତିରିକ୍ତ ମୂଲ୍ୟ ଠାରୁ କମ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି କିମ୍ବା ଆବଶ୍ୟକ ଦସ୍ତାବିଜ ଦରଖାସ୍ତ ସହିତ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୧୨. ନିଲାମଧାରୀ OMMC Rules 2016 ରେ ନିୟମ -୩୩ (୧-୨୯) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ । ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଂଘନ କଲେ ଜମା ଦେଇଥିବା ସେକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତୀତ OMMC Rules 2016 ଅନୁସାରେ ମଧ ଦଣ୍ଡିତ ହେବେ ।

୧୩. ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ, ତଥା କୌଣସି ଭାରିଯାନ ଯେପରିକି, ହାଇୱା ଇତ୍ୟାଦି ବ୍ୟବହାର କରିବେ ନାହିଁ । (Mining operation to be done as per terms condition in respective E.C.) .

୧୪. ଲିଜଧାରୀ Mines Act. 1952 ଏବଂ Explosive Act. 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୫. ଲୀଜ ଧାରୀ ଲିଜ ନେଇଥିବା ଉତ୍ସ ନିମନ୍ତେ ସୂଚନା ଫଳକ (Display Board ) ତିଆରିକରୀ ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ଲିଜଧାରୀ ନିଜ ଖର୍ଚ୍ଚରେ ସମ୍ପାଦନ କରିବେ ।

୧୬. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ ଉତ୍ସ ପରିଚାଳନା ନିମନ୍ତ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

୧୭. କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ କିମ୍ବା ସ୍ଥଗିତ କରିପାରିବେ ।

୧୮. ନିଲାମଧାରୀ ଉତ୍ସରୁ ବାଲି ଉତ୍ତଳନ ନିମନ୍ତେ ବ୍ୟବହୃତ ରାସ୍ତା ତଥା ନଦୀକୂଳ ଆଦିର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେବେ ଏବଂ ପ୍ରତ୍ୟେକ ବର୍ଷ ସୂଚାରୁ ରୂପେ ତାହାର ମରାମତି କରିବେ ଅନ୍ୟଥା ନିୟମ ଅନୁସାରେ ଦଣ୍ଡନୀୟ ହେବେ ।

୧୯. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ପରବର୍ତୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ ) ଆଇନ ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତି ପତ୍ର ସମ୍ପାଦନ କରିବାକୁ ହେବ ।

୨୦. ସୈରାତ ଲିଜଧାରୀ ନିଜ ବାଲିଉତ୍ସର ସୀମା ଚିହ୍ନଟ ଜାଗା ଗୁଡିକରେ ଉଚ୍ଚ ସିମେଣ୍ଟ ଖୁଣ୍ଟ ପୋତିବେ ଏବଂ ଖିଲାଫ କଲେ OMMC Rule 2016 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୨୧. କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର କାରୀଙ୍କର ଅଛି ।

## ଗୁରୁତ୍ୱ ପୂର୍ଣ୍ଣ ତାରିଖ

୧. ଦରଖାସ୍ତ ପକାଇବାର ଶେଷ ତାରିଖ-ତା ୦୬.୧୨.୨୦୨୧ ରିଖ ଦିବା ୨ ଘଟିକା ସୁଦ୍ଧା ।

୨. ଟେଣ୍ଡର ବାକ୍ସ ଖୋଲିବାର ତାରିଖ-ତା ୦୭.୧୨.୨୦୨୧ ରିଖ ଦିବା ୧୧.୩୦ ଘଟିକା ।

୩. କୌଣସି କାରଣ ବଶତଃ ତା ୦୭.୧୨.୨୦୨୧ ରେ ଟେଣ୍ଡର ବାକ୍ସ ଖୋଲା ହୋଇ ନ ପାରିଲେ ପରବର୍ତୀ ସରକାରୀ କାର୍ଯ୍ୟଦିବସରେ ଖୋଲା ଯିବ ।

୪. ଯଦି ପ୍ରଥମ ଧାର୍ଯ୍ୟ ତା ୦୬.୧୨.୨୦୨୧ରିଖରେ କୌଣସି ଉତ୍ସ ପାଇଁ ଦରଖାସ୍ତ ଆସିନଥାଏ ତେବେ ପରବର୍ତୀ ପର୍ଯ୍ୟାୟରେ ତା୧୩.୧୨.୨୦୨୧ରିଖ ଅପରାହ୍ନ ୨ ଘଟିକା ମଧ୍ୟରେ ଆବେଦନ କରିପାରିବେ ଏବଂ ତାହା ତା ୧୪.୧୨.୨୦୨୧ ଦିବା ୧୧.୩୦ଘଟିକା ସମୟରେ ଖୋଲାହେବ ।

ତହସିଲଦାର, ଜଳେଶ୍ୱର ।

ଜ୍ଞାପକ ସଂଖ୍ୟା ୪୪୦୫ ତା ୧୬.୧୧.୨୧ରିଖ ।

ଏହାର ଏକକିତ ନକଲ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଜଳେଶ୍ୱର ।

ଜ୍ଞାପକ ସଂଖ୍ୟା ୪୪୦୬ ତା ୧୬.୧୧.୨୧ ରିଖ ।

ଏହାର ଏକକିତ ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଳେଶ୍ୱର/ ସଂପୃକ୍ତ ଅଞ୍ଚଳର ଗ୍ରା. ପ./ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ/ ସମ୍ପୃକ୍ତ ଥାନା ଅଧିକାରୀ/ କାର୍ଯ୍ୟନିର୍ବାହୀ ଅଧିକାରୀ ଜଳେଶ୍ୱର ମୁନିସିପାଲିଟି/ ତହସିଲଦାରଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଜଳେଶ୍ୱର ।

ଜ୍ଞାପକ ସଂଖ୍ୟା ୪୪୦୭ ତା ୧୬.୧୧.୨୧

ଏହାର ଏକକିତ ନକଲ ସୈରାତ ଉତ୍ସ ସମ୍ପୃକ୍ତ ଗ୍ରାମର ଜନ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଜଳେଶ୍ୱର ।

# FORM – M

Application for grant of Quarry Lease

[*See* rule 27(4)]

To

……………………………………………………………………………………………..

Dated the 20

Sir,

1. I/We submit an application for a quarry lease for…………..(mineral) for a term of ……………….. years over…………hectares of land in the area specified in the *Annexure* given below:-
2. A sum of Rs……… payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20…….. has been paid in the Government Treasury at…………and a receipted challan bearing No……… dated…….is enclosed.
3. The required particulars are given below:-
    i) An affidavit stating that no mining due payable under the Act and Rules made there under is outstanding against the applicant.
    ii) Where land belongs to private persons, consent of all such persons for grant of quarry lease.
    iii) Solvency certificate and list of immovable property from the Revenue Authority.
4. (i) Name and address of the applicant…………………………………………………...

    (ii) Nationality of the applicant…………………………………………………………...

    (iii) Profession of the applicant…………………………………………………………….

    (iv) Particulars of the areas, mineral wise, within the State for which the applicant or any person having joint interest with him…………………………………………….
    - a) Already holds a quarry lease……………………………………………………
    - b) Has already applied for a quarry lease but not granted ………………………
    - c) Being applied for simultaneously………………………………………..
    - d) Nature of joint interest, if any……………………………………………

    (v) Means by which the minor minerals is/are to be raised, i.e. whether manual or mechanical......................

    (vi) Manner in which the minor mineral raised to be utilized-
    - (a) For manufacture........................
    - (b) For sale......................................
    - (c) Any other purpose.....................

    (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.......... Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.